NATIONAL NEWS BULLETIN (ODIA)

27th November' 2026

Morning Bulletin : 7.15 a.m.

****

ମୁଖ୍ୟ ସମ୍ବାଦ

- ଲୋକସଭା ଅଧିବେଶନ ଆସନ୍ତା ୩୦ ଏବଂ ରାଜ୍ୟସଭା ଅଧିବେଶନ ଡିସେମ୍ବର ମାସ ୨ ତାରିଖରୁ ହେବ ପୁନଃ ଆରମ୍ଭ ।

- କେରଳମ୍‌କୁ ଦୁଇଦିନିଆ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ରାଷ୍ଟ୍ରପତି ।

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ଭାରତ ମହାସାଗର ରିମ୍ ସଂଘର ୨୫ତମ ବୈଦେଶିକ ମନ୍ତ୍ରୀ ପରିଷଦ ବୈଠକ ।

— ମହାସାଗରୀୟ ଅଞ୍ଚଳରେ ନବସୃଜନ, ମୁକ୍ତ, ସ୍ଥିରତା ଓ ଅନୁକୂଳ ସ୍ଥିତି ନେଇ ଆରମ୍ଭ ହେବ ଆଲୋଚନା ।

- ସମ୍ପୂର୍ଣ୍ଣ ସରକାର ଓ ସମ୍ପୂର୍ଣ୍ଣ ସମାଜ ଆଧାରରେ ଆଜି ନୂଆଦିଲ୍ଲୀରେ ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ଅନୁଷ୍ଠିତ ହେବ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ।

ଏବଂ

- ଭାରତକୁ ପରାସ୍ତ କରି ଏସିଆ କପ୍ କ୍ରିକେଟ୍ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କଲା ଶ୍ରୀଲଙ୍କା ।

ଏଲ୍.ଏସ୍. ଆର୍.ଏସ୍. ସିଟିଂ

ଲୋକସଭା ଅଧିବେଶନ ଆସନ୍ତା ୩୦ ତାରିଖରେ ଏବଂ ରାଜ୍ୟସଭା ଅଧିବେଶନ ଆସନ୍ତା ମାସ ୨ ତାରିଖରୁ ପୁନଃ ଆରମ୍ଭ ହେଉଛି । ଉଭୟ ସଦନର ବୈଠକ ଆବଶ୍ୟକ ସରକାରୀ କାର୍ଯ୍ୟ ନିମନ୍ତେ ଆହ୍ୱାନ କରାଯାଇଛି । ବୈଠକରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ଅଣସରକାରୀ ସଦସ୍ୟଙ୍କ କୌଣସି କାର୍ଯ୍ୟ କରାଯିବ ନାହିଁ । ବାଚସ୍ପତି ଓମ୍ ବିର୍ଲା’ ଗତ ଅଗଷ୍ଟ ୧୩ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହିଥିବା ଲୋକସଭାକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୧ଟାରେ ପୁନଃ ବୈଠକ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ଗତ ଅଗଷ୍ଟ ୧୩ ତାରିଖରେ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରହିଥିବା ରାଜ୍ୟସଭାକୁ ଆସନ୍ତା ବୁଧବାର ପୂର୍ବାହ୍ନ ୧୧ଟାରେ ଆବଶ୍ୟକ ସରକାରୀ କାର୍ଯ୍ୟ ନିମନ୍ତେ ପୁନଃ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ସରକାର ଆବଶ୍ୟକ ସରକାରୀ

କାର୍ଯ୍ୟ ନିମନ୍ତେ ଉଭୟ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ପୁନଃ ବୈଠକ ଆହ୍ୱାନ କରିବାପାଇଁ ନିବେଦନ କରିଥିଲେ ।

ପ୍ରେଜ୍ - କେରଳମ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ କେରଳମ୍‌କୁ ଦୁଇଦିନିଆ ଗସ୍ତ କରିବେ । ଗସ୍ତକାଳରେ ରାଷ୍ଟ୍ରପତି କେରଳମ୍‌ରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । କୋଚିରେ ଆଜି ପୂର୍ବାହ୍ନରେ ରାଷ୍ଟ୍ରପତି ପହଞ୍ଚିବା ପରେ ଏର୍ଣ୍ଣାକୁଲମ୍‌ର କାଲାଡ଼ୀ ଅଭିମୁଖେ ଯାତ୍ରା କରି ଆଦି ଶଙ୍କରାଚାର୍ଯ୍ୟଙ୍କ ଜନ୍ମସ୍ଥଳୀ ପରିଦର୍ଶନ କରିବେ । ତ୍ରିସୁରଠାରେ ବୈଦ୍ୟରତ୍ନମ୍ ଆୟୁର୍ବେଦ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେବେ । କେରଳମ୍ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପିଙ୍କ ସମେତ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଏବଂ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ଣରେ ରାଷ୍ଟ୍ରପତି ଗୁରୁବାୟୁର୍ ଗସ୍ତକରି ସେଠାରେ ଗୁରୁବାୟୁର୍ ଶ୍ରୀ କ୍ରିଷ୍ଣ ମନ୍ଦିର ଦର୍ଶନ କରିବେ । ଗସ୍ତର ଦ୍ୱିତୀୟ ଦିନରେ ଆସନ୍ତାକାଲି କନ୍ନୁର୍‌ର ଭାରତୀୟ ନୌସେନା ଏକାଡେମୀର ପାସିଂ ଆଉଟ୍ ପରେଡ୍‌ରେ ଅଭିବାଦନ ଗ୍ରହଣ

କରିବେ । ଏହି ପରେଡ୍‌ରେ ୪ ଶହ ଶିକ୍ଷାନବୀଶ ଅଧିକାରୀ ଏବଂ ବନ୍ଧୁ ବିଦେଶୀ ରାଷ୍ଟ୍ରର କ୍ୟାଡେଟ୍‌ମାନେ ମଧ୍ୟ ଯୋଗଦେବେ।

ଆଇ.ଓ.ଆର୍.ଏ. ବୈଠକ

ଭାରତ ମହାସାଗର ରିମ୍ ସଂଘ-ଆଇ.ଓ.ଆର୍.ଏ.ର ୨୫ତମ ମନ୍ତ୍ରୀ ପରିଷଦ ବୈଠକ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଭାରତ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଛି । ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ସେସେଲ୍‌ସ୍ ବୈଦେଶିକ ମନ୍ତ୍ରୀ ବ୍ୟାରୀ ଫାଉରେ, ମରିସସ୍‌ର ମନ୍ତ୍ରୀ ଧନଞ୍ଜୟ ରାମଫଲ, ଶ୍ରୀଲଙ୍କାର ମନ୍ତ୍ରୀ ବିଜିତା ହେରାତ୍ ଏବଂ ମାଳଦ୍ୱୀପର ମନ୍ତ୍ରୀ ଇରୁଥିସାମ ଆଦାମ ପ୍ରମୁଖ ଅଂଶଗ୍ରହଣ କରିବେ । ଭାରତ ମହାସାଗର କ୍ଷେତ୍ରରେ **‘ନବସୃଜନ, ମୁକ୍ତ, ସ୍ଥିରତା ଏବଂ ଅନୁକୂଳ ସ୍ଥିତି’** ପ୍ରସଙ୍ଗ ଆଧାରରେ ଏହି ବୈଠକରେ ୨୩ଟି ସଦସ୍ୟ ରାଷ୍ଟ୍ର ଏବଂ ୧୨ଟି ଅଂଶୀଦାର ରାଷ୍ଟ୍ରର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମତବିନିମୟ କରିବେ ।

ଆଇ.ଓ.ଆର୍.ଏ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ବୃଦ୍ଧି କରିବା ଏବଂ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ର ଉପରେ ମିଳିମିଶି କାର୍ଯ୍ୟ କରିବାକୁ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ । ବୈଠକ

ପରିପ୍ରେକ୍ଷୀରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀରେ କେତେକ ସଦସ୍ୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ସେସେଲ୍ସର ବୈଦେଶିକ ମନ୍ତ୍ରୀ ବାରି ଫାଉରେଙ୍କ ସହ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ, ଯୋଗାଯୋଗ, ଦକ୍ଷତା ବିକାଶ, ଶକ୍ତି, ସାଇବର ସୁରକ୍ଷା ଏବଂ କୃତ୍ରିମ ବୁଦ୍ଧିମତା ଉପରେ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହୋଇଛି । ମରିସସ୍ ପ୍ରତିପକ୍ଷ ଧନଞ୍ଜୟ ରାମଫଲଙ୍କ ସହ ବୈଠକରେ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ୍ ଅଧୀନରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ଉପରେ ସମୀକ୍ଷା କରାଯାଇଛି । ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାକୁ ଅଧିକ ମଜବୁତ କରିବା ପାଇଁ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଛି ।

୧୯୯୭ ମସିହା ମାର୍ଚ୍ଚ ୭ ତାରିଖରେ ଭାରତ ମହାସାଗର ରିମ୍ ସଂଘ-ଆଇ.ଓ.ଆର୍.ଏ. ଏକ ଆନ୍ତଃ ସରକାରୀ ସଙ୍ଗଠନ ଭାବେ ସ୍ଥାପିତ ହୋଇଥିଲା । ଭାରତ ମହାସାଗର ଅଞ୍ଚଳରେ ଆଞ୍ଚଳିକ ସହଯୋଗ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ସଂଘ ପ୍ରତିଷ୍ଠା କରାଯାଇଥିଲା ।

ଜୟଶଙ୍କର - ମିଟିଂ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀରେ ଶ୍ରୀଲଙ୍କା ପ୍ରତିପକ୍ଷ ବିଜିତା ହେରାତ୍ଙ୍କ ସହ ଆଲୋଚନା କରିଛନ୍ତି । ଉଭୟ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ମତବିନିମୟ କରିଛନ୍ତି ।

ଶ୍ରୀ ଜୟଶଙ୍କର ମଧ୍ୟ ମାଳଦ୍ୱୀପର ପ୍ରତିପକ୍ଷ ଇବ୍ରୁଥିଆଶମ୍ ଆଦାମ୍‌ଙ୍କ ସହ ଭାରତ-ମାଳଦ୍ୱୀପ ସମ୍ପର୍କର ବିକାଶ ଏବଂ ସୁରକ୍ଷା ଓ ବିକାଶ ସହଯୋଗ ନେଇ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀରେ ହେବାକୁ ଥିବା ଭାରତ ମହାସାଗର ରିମ୍ ସଂଘ ବୈଠକ ପରିପ୍ରେକ୍ଷୀରେ ଡକ୍ଟର ଏସ୍. ଜୟଶଙ୍କର ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

ବାଲ୍ ବିବାହ ମୁକ୍ତ ଭାରତ

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ପର୍ଯ୍ୟବସିତ ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । 'ସମ୍ପୂର୍ଣ୍ଣ ସରକାର ଓ ସମ୍ପୂର୍ଣ୍ଣ ସମାଜ' ଆଭିମୁଖ୍ୟ ମାଧ୍ୟମରେ ବାଲ୍ୟ ବିବାହ ନିରାକରଣ ଅଭିଯାନ ଗତ ୨୦୨୪ ନଭେମ୍ବର ୨୭ ତାରିଖରେ ଦେଶ ବ୍ୟାପି ଆରମ୍ଭ କରାଯାଇଥିଲା । ଆଜି ଏହାର ଦ୍ୱିତୀୟ ବାର୍ଷିକୀ ପାଳନ କରାଯିବ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ସମ୍ପୃକ୍ତ ବିଭାଗ, ବାଲ୍ୟ ବିଭାଗ ନିଷେଧ ଅଧିକାରୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ, ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ନାଗରିକ ସମାଜ ସଂଗଠନଗୁଡ଼ିକର ପ୍ରତିନିଧି ଯୋଗଦେବେ । ମିଳିତ ଜାତିସଂଘ ପକ୍ଷରୁ ନଭେମ୍ବର ୨୭

ତାରିଖକୁ ବାଲ୍ୟ ବିବାହ ନିଷେଧ ଆନ୍ତର୍ଜାତିକ ଦିବସ ପାଳନ ନେଇ ଘୋଷଣା କରାଯାଇଛି । ଏଭଳି ପଦକ୍ଷେପ କନ୍ୟା ସନ୍ତାନଙ୍କ ଶିକ୍ଷା, ସଶକ୍ତୀକରଣ ଏବଂ କଲ୍ୟାଣକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଲକ୍ଷ୍ୟ ନେଇ ମନ୍ତ୍ରଣାଳୟ ପକ୍ଷରୁ ଏକ ପୋର୍ଟାଲ୍‌କୁ କାର୍ଯ୍ୟକ୍ଷମ କରାଯାଇଛି ।

ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ୨୯ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୪୦ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App‌ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

ତ୍ରିପୁରା - ପୋଲିଂ

ତ୍ରିପୁରାର ଅଗତାଲା ପୌର ନିର୍ବାଚନ ଏବଂ ୧୫ଟି ଅନ୍ୟ ପୌର ଏବଂ ସହରାଞ୍ଚଳ ସ୍ୱାୟତ୍ତ ଶାସନପାଇଁ ଆଜି ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଅନୁଷ୍ଠିତ ହେଉଛି । ରାଜ୍ୟର ୨୬୮ଟି ଆସନ ନିମନ୍ତେ ୭୦୪ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ କରାଯାଉଛି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନିର୍ବାଚନ ଅଧିକାରୀମାନେ ଭୋଟ୍ ପରିଚାଳନା କରୁଛନ୍ତି । ଅଗରତାଲାରେ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ନିମନ୍ତେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ପଶ୍ଚିମ ଜିଲ୍ଲା ମାଜିଷ୍ଟ୍ରେଟ୍ ଡକ୍ଟର ବିଶାଲ କୁମାର କହିଛନ୍ତି । ଭୋଟ୍‌ଗ୍ରହଣ କେନ୍ଦ୍ର ତ୍ରିପୁରା ପୁଲିସ୍ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଯବାନମାନେ ମୁତୟନ ହୋଇଛନ୍ତି । ଖୋଓ୍ୱାଇ ଜିଲ୍ଲାରେ ୨୯୮ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ୨୬ଟି ୱାର୍ଡ଼ ନିମନ୍ତେ ୩୦୭ ଜଣ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି । ୭ଟି ଆଦର୍ଶ ଭୋଟ୍‌ଗ୍ରହଣ କେନ୍ଦ୍ର କେବଳ ମହିଳାଙ୍କଦ୍ୱାରା ପରିଚାଳିତ ହେଉଛି ।

ଇଫି

ଗୋଆଠାରେ ଚାଲିଥିବା ୫୭ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ଦିବସର ଆଜି ହେଉଛି ଅଷ୍ଟମ ଦିନ । ଚଳଚ୍ଚିତ୍ର ନିର୍ମାତାଙ୍କ ମଧ୍ୟରେ ଆଲୋଚନା,

ମତବିନିମୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପନ ହେବାକୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ବିଶ୍ୱର ସମସ୍ତ ଭାଗର ଚଳଚ୍ଚିତ୍ର ନିର୍ମାତା, ଯୁବ ପ୍ରତିଭା ଏବଂ ଚଳଚ୍ଚିତ୍ର ସହ ଜଡ଼ିତ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଏକତ୍ରିତ କରିବାର ଏହା ଏକ ମଞ୍ଚ ପ୍ରଦାନ କରିବ । ଆଜିର ଆଲୋଚନା କାର୍ଯ୍ୟକ୍ରମରେ ଫରାହାନ୍ ଅଖ୍‌ତାର, ଆଶୁତୋଷ ଗୋୱାରିକର୍ ଏବଂ ମଧୁର ଭଣ୍ଡାରକର୍ ପ୍ରମୁଖ ଅଂଶଗ୍ରହଣ କରିବେ । ଆସନ୍ତାକାଲି ଇଫିର ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

କ୍ରିକେଟ୍ - ଏସିଆ କପ୍

ଦୋହାଠାରେ ଗତକାଲି ରାତିରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ୍ ରାଇଜିଙ୍ଗ୍ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟରେ ଶ୍ରୀଲଙ୍କା ଏ' ଦଳ ଭାରତକୁ ୮ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ୩୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ଏ' ମାତ୍ର ୪୧ ଓଭର ୩ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିଥିଲା । ପ୍ରଥମ ସେମିଫାଇନାଲ୍‌ରେ ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୩୧୭ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ଅଭିଷେକ ଶର୍ମା ୬୩ଟି ବଲ୍‌ରେ ସର୍ବାଧିକ ୭୮ ରନ୍ ସଂଗ୍ରହ କରିଥିଲେ । ଶ୍ରୀଲଙ୍କାର

ସିନେଥ ଜୟବର୍ଦ୍ଧନେଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଓପ୍ନର୍ ସିନେଥ୍ ୭୦ଟି ବଲ୍‌ରୁ ୧୦୫ ରନ୍ ସଂଗ୍ରହ କରିଥିଲେ ।

ଆଇ.ଏମ୍.ଡି. - ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼, ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ଉତ୍ତର-ପୂର୍ବାଞ୍ଚଳରେ ଆଜି ଘନକୁହୁଡ଼ି ହେବା ନେଇ ପୂର୍ବାନୁମାନ କରାଯାଇଛି । ଆସନ୍ତାକାଲି ପର୍ଯ୍ୟନ୍ତ ପୂର୍ବ ରାଜସ୍ଥାନ ଅଞ୍ଚଳରେ ଥଣ୍ଡା ପବନ ବହିବା ନେଇ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ କେରାଳମ୍, ମାହେ, ତାମିଲ୍‌ନାଡୁ, ପୁଡୁଚେରୀ ଏବଂ କରେଇକେଲା ଅଞ୍ଚଳରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ଆନ୍ଧ୍ରପ୍ରଦେଶ ଏବଂ ଲାକ୍ଷାଦ୍ୱୀପ ଅଞ୍ଚଳରେ ମଧ୍ୟ ଆସନ୍ତାକାଲି ପର୍ଯ୍ୟନ୍ତ ପବନ ସହ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

*****